# ପ୍ରେସ ଇସ୍ତାହାର

ଗ୍ରାମ ପଞ୍ଚାୟତ ଗୁଡିକରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯକ୍ରମ ଗୁଡିକ କାର୍ୟକାରୀ ହେବା ସହିତ କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ଙ୍କ ଅନୁଦାନ ଓ ପାଣ୍ଠି ବିନିଯୋଗ ହୋଇ ଆସୁଅଛି । ସରକାରୀ କାର୍ଯ ନିର୍ବାହ ରେ ଉନ୍ନତ ଫଳପ୍ରଦ , ସମୟାନୁବର୍ତ୍ତିତା ନିୟନ୍ତ୍ରଣ , ବିଭିନ୍ନ ଯୋଜନାର ରେକର୍ଡ ଏବଂ ଉତ୍ତମ ଆର୍ଥିକ ପରିଚାଳନା ପାଇଁ ସଠିକ ମାର୍ଗଦର୍ଶନ ଏବଂ ଡକ୍ୟୁମେଣ୍ଟେସନ ସୁବିଧା ନିମନ୍ତେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ , ପଞ୍ଚାୟତ ସମିତି ଓ ଜିଲ୍ଲା ଗୁଡିକରେ ଆକାଉଣ୍ଟାଣ୍ଟ- କମ – ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥି ନିମନ୍ତେ ୭୧୪୨ ଟି ପଦବୀ ସୃଷ୍ଟି କରାଯାଇଛି । ଆକାଉଣ୍ଟାଣ୍ଟ- କମ – ଡାଟା ଏଣ୍ଟ୍ରି ଅପରେଟର ମାନେ ଗ୍ରାମ ପଞ୍ଚାୟତ ପ୍ରଶାସନିକ ନିୟନ୍ତ୍ରଣ ରେ କାର୍ଯ କରିବେ ।

ଗ୍ରାମ ପଞ୍ଚାୟତ କୁ ଅଧିକ ଜୀବନ୍ତ ଓ କାର୍ଯକ୍ରମ କରିବା ପାଇଁ ଓଡ଼ିଶା ଆକାଉଣ୍ଟାଣ୍ଟ- କମ – ଡାଟା ଏଣ୍ଟ୍ରି ଅପରେଟର (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ ) ନିୟମ ୨୦୨୪ ନାମକ ଏକ ନିୟମ ପ୍ରସ୍ତୁତ କରାଯାଇଛି । ଗ୍ରାମ ପଞ୍ଚାୟତର ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯକ୍ରମ ସହିତ ଜଡିତ ଥିବା ଗ୍ରାମ ରୋଜଗାର ସେବକ ଙ୍କ ଅଭିଜ୍ଞତା କୁ ଦୃଷ୍ଟି ରେ ରଖି ଆକାଉଣ୍ଟାଣ୍ଟ- କମ – ଡାଟା ଏଣ୍ଟ୍ରି ଅପରେଟର ୩୦ % ପଦବୀ ରେ ସେମାନଙ୍କୁ ମନୋନୀତ କରାଯିବ ଏବଂ ଅବଶିଷ୍ଟ ୭୦% ପଦବୀ ଏକ ସ୍ବାଧୀନ ସଂସ୍ଥା ଯଥା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ବାରା ପୂରଣ କରାଯିବ । ମାତ୍ର ଏକ ଏକକାଳୀନ ଯୋଜନାରେ ଯେଉଁ ଗ୍ରାମ ରୋଜଗାର ସେବକ ମାନେ କ୍ରମାନ୍ୱୟେ ୫ ବର୍ଷ କାର୍ଯ କରିଥିବେ ଏବଂ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରୁଥିବେ ସେମାନଙ୍କୁ ଖାଲିଥିବା ସ୍ଥାନ ରେ ଅବସ୍ଥାପିତ କରାଯିବ ।

****




To get the latest jobs alert on your mobile

Please Join our WhatsApp group